## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଯୁବକ ମୃତ

**ପରଜଙ୍ଗ, ୧୭ା୧(ଡି.ଏନ୍.ଏ.):** ପରଜଙ୍ଗ ଥାନା ପରମହଂସପୁର ଗ୍ରାମ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରଞ୍ଜୁ ଖଟୁଆ। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ରଞ୍ଜୁ ରବିବାର ସନ୍ଧ୍ୟାରୁ ନିଖୋଜ ଥିଲେ। ସୋମବାର ସକାଳେ ପୋଖରୀ ହୁଡ଼ାରେ ତାଙ୍କ ସାଇକେଲ ଏବଂ ଚପଲ ଥିବା ଦେଖି ସେ ବୁଡ଼ିଯାଇଥିବା ଗ୍ରାମବାସୀ ସନ୍ଦେହ କରିଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରି ପୋଖରୀରୁ ମୃତଦେହ ବାହାର କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ଲାଗି ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ରଞ୍ଜୁଙ୍କ ମୃତ୍ୟୁକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ୭୦ ପଜିଟିଭ୍ ଚିହ୍ନଟ

**ଢେଙ୍କାନାଳ ଅଫିସ, ୧୭ା୧:** ଢେଙ୍କାନାଳ ଜିଲାରୁ ସୋମବାର ୭୦ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରୁ ଓଡ଼ାପଡ଼ା ବ୍ଲକରୁ ସର୍ବାଧିକ ୩୨ ଜଣ ରହିଛନ୍ତି। ସେହିପରି ଢେଙ୍କାନାଳ ପୌରାଞ୍ଚଳରୁ ୪, ଭୁବନ ବ୍ଲକରୁ ୪ ଓ ଏନ୍ଏସିରୁ ୫, କାମାକ୍ଷାନଗର ବ୍ଲକରୁ ୩ ଓ ଏନ୍ଏସିରୁ ୨, ସଦର ବ୍ଲକରୁ ୪, ଗଁଦିଆ ବ୍ଲକରୁ ୯, ହିନ୍ଦୋଳ ବ୍ଲକରୁ ୩, ପରଜଙ୍ଗ ବ୍ଲକରୁ ୨ ଏବଂ ଅନ୍ୟ ଚିକିତ୍ସାଳୟରୁ ୨ଜଣ ଅଛନ୍ତି। ଏଥିସହ ଦିନକରେ ୩ଜଣ ସୁସ୍ଥ ହୋଇଛନ୍ତି। ଜିଲାରେ ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୫୫ରେ ପହଞ୍ଚିଛି। ସଂକ୍ରମିତମାନଙ୍କ ମଧ୍ୟରୁ ଅଧିକାଂଶ ଗୃହ ସଙ୍ଗରୋଧରେ ରହି ଚିକିତ୍ସିତ ହେଉଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଯୋଗ୍ୟତା ଅନୁଯାୟୀ ଦରମା ଦାବି

**ଢେଙ୍କାନାଳ ଅଫିସ, ୧୭ା୧:** ଯୋଗ୍ୟତା ଭିତ୍ତିରେ ଦରମା ନିର୍ଦ୍ଧାରଣ କରିବାକୁ ଦାବି କରିଛି ଢେଙ୍କାନାଳ ଜିଲା ଅମଲା ସଂଘ। ଏ ନେଇ ସଭାପତି ଅରୁଣ ବଳିୟାରସିଂଙ୍କ ଅଧକ୍ଷତାରେ କୁଞ୍ଜକାନ୍ତଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ କାର୍ଯ୍ୟାଳୟର ପ୍ରତିନିଧିମାନେ ଉପସ୍ଥିତ ରହି ଆଲୋଚନାରେ ଭାଗନେଇଥିଲେ। ଜିଲାସ୍ତରୀୟ ଅମଲାଙ୍କ ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ସ୍ନାତକ ପ୍ରଚଳନକୁ ଇତିମଧ୍ୟରେ ୪ବର୍ଷ ବିତିଯାଇଥିଲେ ମଧ୍ୟ ସରକାର ଦରମା ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ରାଜ୍ୟସ୍ତରରେ କାର୍ଯ୍ୟରତ ସମାନ ଶିକ୍ଷାଗତ ଯୋଗ୍ୟତା ଥିବା ଅମଲାଙ୍କୁ ୯,୩୦୦ ଟଙ୍କା ଦରମା ଏବଂ ୪,୨୦୦ଟଙ୍କା ଗ୍ରେଡ୍ ପେ (ଲେଭଲ-୯) ପ୍ରଦାନ କରାଯାଉଛି। ହେଲେ ଜିଲାସ୍ତରୀୟ ଅମଲାଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରାଯାଉଛି। ଏ ଦିଗରେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସଂଘ ଶାଖା ସଭାପତି ବଳିଆରସିଂ ଏବଂ ସମ୍ପାଦକ ଗଣେଶ ଚନ୍ଦ୍ର ପୃଷ୍ଟି ନିବେଦନ କରିଛନ୍ତି।

### ଶିକ୍ଷାବିତ୍ଙ୍କ ପରଲୋକ

**ବଇଣ୍ଡା,୧୭ା୧(ଡି.ଏନ.ଏ.):** କିଶୋରନଗର ବ୍ଲକ ବ୍ରାହ୍ମଣୀଦେଇ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀକାନ୍ତ ନାୟକ (୫୫)ଙ୍କ ରବିବାର ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ସେ ଗମ୍ଭାରୀ ମଳିହା ଗ୍ରାମ ପ୍ରାଥମିକ ବିଦ୍ୟାଳୟରୁ ୨୦୨୧ରେ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ତାଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ।

### ଭାଜପାର ପ୍ରଶିକ୍ଷଣ ଶିବିର

**ଛେଣ୍ଡିପଦା,୧୭ା୧ (ସ୍ୱ.ପ୍ର.):** ପଞ୍ଚାୟତ ନିର୍ବାଚନ ପାଇଁ ଭାଜପା ପକ୍ଷରୁ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀରେ ବିସ୍ତାରକମାନଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଭାଜପା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ଶିବିରକୁ ମଣ୍ଡଳ ସଭାପତି ଗୋପବନ୍ଧୁ ଗଡନାୟକ ପରିଚାଳନା କରିଥିଲେ। ମାର୍ଗଦର୍ଶକ ଭାବେ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ମୁଖ୍ୟ ପ୍ରଶିକ୍ଷକ ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି ଯୋଗଦେଇ ଦଳ କିଭଳି କୌଶଳରେ ନିର୍ବାଚନ ଲଢିବାକୁ ଚାହୁଁଛି ସେଥିନେଇ ତାଲିମ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପ୍ରଭାରୀ ସାମାଞ୍ଚଳ ଖଟେଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା, ଜିଲା ସାଧାରଣ ସମ୍ପାଦକ ସୁଦୀପ୍ତ ଗଡନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଓବିସି ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ଯଶୋବନ୍ତ ପ୍ରସାଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# କାର୍ଯ୍ୟକ୍ଷମ ହେବ କଳାକୃତି ଗ୍ରାମ

**ଢେଙ୍କାନାଳ ଅଫିସ,୧୭ା୧**

ଢେଙ୍କାନାଳ ସଦର ବ୍ଲକ ସପ୍ତଶଯ୍ୟା ପଞ୍ଚାୟତ ନବଜୀବନପୁରରେ ପରିତ୍ୟକ୍ତ ଅବସ୍ଥାରେ ଥିବା କଳାକୃତି ଗ୍ରାମ ଖୁବ୍ଶୀଘ୍ର କାର୍ଯ୍ୟକ୍ଷମ ହେବ। ଦୀର୍ଘଦିନର ନୀରବତା ପରେ ଏଥିଲାଗି ପ୍ରଶାସନିକ

**ପ୍ରଶାସନର ନିଦ ଭାଙ୍ଗିଲା**

ତତ୍ପରତା ପ୍ରକାଶ ପାଇଛି। ସୋମବାର ଅପରାହ୍ନରେ ଜିଲାପାଳ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ସୂଚନାଯୋଗ୍ୟ, ନବଜୀବନପୁର ଅଞ୍ଚଳର ଡୋକ୍ରା ହସ୍ତଶିଳ୍ପ କାରିଗରଙ୍କୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କ ହାତ ତିଆରି ସାମଗ୍ରୀ ସୁବିଧାରେ ବିକ୍ରିବଟା ଲାଗି ନବଜୀବନପୁରରେ ୨ବର୍ଷ ତଳେ ୫କୋଟି ୧୨ଲକ୍ଷ ୮୪ହଜାର ଟଙ୍କା ବ୍ୟୟରେ କଳାକୃତି ଗ୍ରାମ ନିର୍ମାଣ କରାଯାଇଥିଲା। ଏହି ପ୍ରକଳ୍ପ ଆନୁକୂଲ୍ୟରେ କଳାକୃତି ପ୍ରଦର୍ଶନ ଲାଗି ପ୍ରଦର୍ଶନୀ ହଲ, ବିଭିନ୍ନ ଆଲୋଚନା ଓ ସମୀକ୍ଷା ପାଇଁ ସମ୍ମିଳନୀ କକ୍ଷ ଏବଂ ବ୍ୟବସାୟ ପାଇଁ ୨୭ ଦୋକାନ ଘର ତିଆରି କରାଯାଇଛି। ତେବେ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ରୂପ ପାଇସାରିଥିବା ସତ୍ତ୍ୱେ ପରିଚାଳନାଗତ ଅବ୍ୟବସ୍ଥା କାରଣରୁ କଳାକୃତି ଗ୍ରାମ ପରିତ୍ୟକ୍ତ ହୋଇପଡ଼ିଛି। ପ୍ରଥମେ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ପଞ୍ଚାୟତକୁ ପ୍ରଦାନ କରାଯାଇଥିଲା। ହେଲେ ପଞ୍ଚାୟତ କର୍ତ୍ତୃପକ୍ଷ ଓହରିଯିବା ପରେ ଏହାର ପରିଚାଳନା ଦାୟିତ୍ୱ ପର୍ଯ୍ୟଟନ ବିଭାଗକୁ ଦିଆଯାଇଥିଲା। ହେଲେ ବିଭିନ୍ନ କାରଣରୁ ତାହା ମଧ୍ୟ ଫସର ଫାଟିଲା। ଏବେ ଓରମାସ୍ ଉପରେ ଭରସା କରିଛି ଜିଲା ପ୍ରଶାସନ। କଳାକୃତି ଗ୍ରାମକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା, ଜିଲାର କଳାକୃତି ପ୍ରଦର୍ଶନ ଏବଂ ବିକ୍ରି ଲାଗି ବିହିତ ବ୍ୟବସ୍ଥା ଗ୍ରହଣ କରିବାକୁ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ପିଡି ଡିଆରଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ସଦର ବିଡିଓ ସୁଧୀର ନାୟକ, ସଦର ଏସ୍ଡିପିଓ ବିକାଶ ବେଉରା, ଓରମାସ ମୁଖ୍ୟ କାର୍ଯ୍ୟନିର୍ବାହୀ ନୀରଦ ଜେନା, ସଦର ଥାନାଧିକାରୀ ଅଭିନବ ଡାଲୁଆ, ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ ପ୍ରମୁଖ ଉପସ୍ଥିତ ଥିଲେ।


କଳାକୃତି ଗ୍ରାମ ସଦେଇବେରେଣୀ।

# ୫୨୬ ନାମାଙ୍କନପତ୍ର ଦାଖଲ

**ଢେଙ୍କାନାଳ ଅଫିସ, ୧୭ା୧**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସୋମବାରଠାରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ଢେଙ୍କାନାଳ ଜିଲାରେ ପ୍ରଥମ ଦିନରେ ମୋଟ ୫୨୬ ଆଶାୟୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ତନ୍ମଧ୍ୟରେ ଜିଲା ପରିଷଦ ପଦବୀରେ ଜଣେ, ୱାର୍ଡସଭ୍ୟ ପଦବୀରେ ୪୨୬, ସରପଞ୍ଚ ପଦବୀରେ ୬୫, ସମିତିସଭ୍ୟ ପଦବୀରେ ୩୨ଜଣ ଆଶାୟୀ ନାମାଙ୍କନ ଦାଖଲ କରିଥିବା ଜିଲାପାଳଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ସଦର ବ୍ଲକ ୩ନଂ. ଜିଲା ପରିଷଦ ଜୋନ୍ ପାଇଁ ଭାଜପା ପ୍ରାର୍ଥୀ ବିଷ୍ଣୁ ପ୍ରସାଦ ଲେଙ୍କା ମଧ୍ୟାହ୍ନ ସାଢେ ୧୨ଟାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଥିଲେ।

ସୂଚନାଯୋଗ୍ୟ, ଜିଲାର ୮ ବ୍ଲକରେ ମୋଟ ୨୭ ଜିଲା ପରିଷଦ, ୨୧୨ ସରପଞ୍ଚ ଓ ସମିତିସଭ୍ୟ ଏବଂ ୨,୮୮୧ ୱାର୍ଡସଭ୍ୟ ପଦବୀରେ ନିର୍ବାଚନ ଅନୁଷ୍ଠିତ ହେବ। କୋଭିଡ୍ କଟକଣା ଅନୁପାଳନ ପୂର୍ବକ ପ୍ରାର୍ଥୀମାନେ ସ୍ୱଳ୍ପ ସଂଖ୍ୟକ ସମର୍ଥକଙ୍କ ଗହଣରେ ନାମାଙ୍କନ ଦାଖଲ କରିଥିଲେ।


ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲା ପରିଷଦ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

# ୩୪ ୟୁନିଟ୍ ରକ୍ତ ସଂଗ୍ରହ



ଶିବିରରେ ଅତିଥିମାନେ ରକ୍ତଦାତାଙ୍କୁ ଉତ୍ସାହିତ କରୁଛନ୍ତି।

**ଢେଙ୍କାନାଳ ଅଫିସ,୧୭ା୧**

ଢେଙ୍କାନାଳ ସଦର ବ୍ଲକ ତାଳବରକୋଟ ପଞ୍ଚାୟତର ସିଆରିଆ ଗ୍ରାମ କଲ୍ୟାଣ ଫାଉଣ୍ଡେଶନ ଏବଂ ବାପୁଜୀ କ୍ଲବର ମିଳିତ ସହଯୋଗରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ ୩୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଜିଲା ରକ୍ତଭଣ୍ଡାର ଡାକ୍ତର ଜୟନାରାୟଣ ପାଢୀ, ଟେକ୍ନିସିଆନ ପରମାନନ୍ଦ ପଣ୍ଡା, ରୋହିତ ଦାସ, ଅଜୟ ସ୍ୱାଇଁ, ବରୁଣ ସ୍ୱାଇଁ, ତପନ ଜେନା ରକ୍ତ ସଂଗ୍ରହ କରିଥିଲେ। ଅବସରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବ୍ରହ୍ମାନନ୍ଦ ରାଉତ ମୁଖ୍ୟ ଅତିଥି, ବଜରଙ୍ଗ କ୍ଲବ ସଭାପତି ଅମରେନ୍ଦ୍ର ସାମଲ, ସନ୍ଦୀପ ଷଡଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କଲ୍ୟାଣ ଫାଉଣ୍ଡେଶନ ମୁଖ୍ୟ ପ୍ରଦୀପ ସ୍ୱାଇଁ, ବାପୁଜୀ କ୍ଲବ ସଭାପତି ଚିନ୍ତାମଣି ମହାନ୍ତି, ଚନ୍ଦନ ବେହେରା, ବସନ୍ତ ସାହୁ, ବଳରାମ ସାହୁ, ଧୀରେନ ଦାସ, ରସାନନ୍ଦ ପ୍ରଧାନ, ସ୍କାଉଟ୍ସ ମାଷ୍ଟର ବିଦୁର ସାମଲ, ବିସ୍ମୟ ରାଉତ, ଶୁଚିସ୍ମିତା ସ୍ୱାଇଁ, ସୋନାଲି ଶୁଚିସ୍ମିତା ଖୁଣ୍ଟିଆ, ତନ୍ମୟ ରାଉତ, ଅମରଜ୍ୟୋତି ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଜଗଜିତା ଦ୍ୱିତୀୟ ରନର୍ସଅପ୍

**ଢେଙ୍କାନାଳ ଅଫିସ, ୧୭ା୧:** ‘ମିଶନ ଡ୍ରିମ୍ସ ମିସ୍ ଇଣ୍ଡିଆ–୨୦୨୧’ରେ ଚମକିଛନ୍ତି ଢେଙ୍କାନାଳ ଝିଅ ଜଗଜିତା ଦାସ। ପ୍ରତିଯୋଗିତାରେ ଦ୍ୱିତୀୟ ରନର୍ସଅପ୍ ହୋଇ ସେ ବଢ଼ାଇଛନ୍ତି ରାଜ୍ୟର ଗୌରବ। ୨୦୨୧ ଜୁନ୍‌ରେ ମୁମ୍ବାଇର ‘ମିଶନ ଡ୍ରିମ୍ସ’ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତା ପାଇଁ ଅନ୍‌ଲାଇନରେ ଅଡିଶନ ହୋଇଥିଲା। ବିଭିନ୍ନ ପର୍ଯ୍ୟାୟରେ ଉତ୍ତୀର୍ଣ୍ଣ ହେବା ପରେ ତାଙ୍କୁ ଏଥିରେ ଭାଗନେବାକୁ ସୁଯୋଗ ମିଳିଥିଲା। ଟ୍ୟାଲେଣ୍ଟ, ନ୍ୟାଶନାଲ କଷ୍ଟ୍ୟୁମ୍ ସମେତ ୮ ରାଉଣ୍ଡରେ ସେ ଅଂଶଗ୍ରହଣ କରିଥିଲେ। ନ୍ୟାଶନାଲ କଷ୍ଟ୍ୟୁମ୍ ପର୍ଯ୍ୟାୟରେ ଓଡ଼ିଆଣୀ ବେଶରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଏବଂ ମା’ ସୁଭଦ୍ରାଙ୍କୁ ହାତରେ ଧରିଥିବା ଦୃଶ୍ୟ ଜଜ୍ଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏହି ପ୍ରତିଯୋଗିତାରେ ଦେଶର ୨୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ତନ୍ମଧ୍ୟରେ ଓଡ଼ିଶାର ୫ଜଣ ଥିଲେ।

ଜଗଜିତା ହେଉଛନ୍ତି କାମାକ୍ଷାନଗର ବ୍ଲକ ଅଁଳାବେରେଣୀ ଅଞ୍ଚଳର ସେଲ୍‌ଟ୍ୟାକ୍ସ ବିଭାଗ ଅଧିକାରୀ ଚିତ୍ତରଞ୍ଜନ ଦାସ ଏବଂ ଶିକ୍ଷୟିତ୍ରୀ ମଞ୍ଜୁଲତା ଦାସଙ୍କ କନ୍ୟା। ଉଚ୍ଚଶିକ୍ଷିତା ଜଗଜିତା ବି–ଟେକ୍ ପାସ କରିଛନ୍ତି। ୩ବର୍ଷ ହେଲା ନୋଏଡା, ବାଙ୍ଗାଲୋରରେ ସଫ୍ଟୱେର ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଛନ୍ତି। ବୃତ୍ତିଗତ ଜୀବନ ସହିତ ମ୍ୟୁଜିକ୍ ଏବଂ ସିନେମା ଇଣ୍ଡଷ୍ଟ୍ରୀରେ ତାଙ୍କର ରୁଚି ରହିଛି। ସେ ଅନେକ ମ୍ୟୁଜିକ୍ ଭିଡିଓ ଏବଂ ସିନେମାରେ ଅଭିନୟ ମଧ୍ୟ କରିଛନ୍ତି। ରାଜ୍ୟର ଦିବ୍ୟାଙ୍ଗ ଏବଂ ଭିନ୍ନକ୍ଷମଙ୍କ ପାଇଁ କାର୍ଯ୍ୟ କରିବା ତାଙ୍କର ଲକ୍ଷ୍ୟ ବୋଲି ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି। ସୋମବାର ଜଗଜିତା ଜିଲାପାଳ ସରୋଜ କୁମାର ସେଠୀଙ୍କୁ ଭେଟିଥିଲେ। ଏହି ସଫଳତା ପାଇଁ ଜିଲାପାଳ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




# ଦିନକରେ ବାହାରିଲେ ଦେଢ଼ଶହ ସଂକ୍ରମିତ

**ଅନୁଗୋଳ ଅଫିସ,୧୭ା୧**

ଅନୁଗୋଳ ଜିଲାରେ କରୋନା ସଂକ୍ରମଣ ହୁ ହୁ ହୋଇ ବଢ଼ିଚାଲିଛି। ମାତ୍ର କେଇଦିନ ତଳେ ଏକ ଅଙ୍କରେ ରହୁଥିବା ଦୈନିକ ପଜିଟିଭ୍ ସଂଖ୍ୟା ଏବେ ଦେଢ଼ଶହ ଟପିଯାଇଛି। ସୋମବାର ଗୋଟିଏ ଦିନରେ ଜିଲାରୁ ୧୫୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ଚିନ୍ତାର କାରଣ ହୋଇଛି। ଏହି ଆକ୍ରାନ୍ତମାନଙ୍କୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୫ ହଜାର ୩୯୪ରେ ପହଞ୍ଚିଛି। ନୂଆ ପଜିଟିଭ୍ ଚିହ୍ନଟଙ୍କ ମଧ୍ୟରେ ବଅଁରପାଳ ବ୍ଲକ ଅଞ୍ଚଳରୁ ୪୪ ଜଣ ଥିବାବେଳେ ତାଳଚେର ବ୍ଲକ ଅଞ୍ଚଳରୁ ୩୩, ଅନୁଗୋଳ ପୌରାଞ୍ଚଳରୁ ୨୬, ଅନୁଗୋଳ ବ୍ଲକ ଅଞ୍ଚଳରୁ ୧୭, ଛେଣ୍ଡିପଦା ବ୍ଲକ ଅଞ୍ଚଳରୁ ୧୨, ପାଲଲହଡା ବ୍ଲକ ଅଞ୍ଚଳରୁ ୮, ଆଠମଲ୍ଲିକ ବ୍ଲକ ଅଞ୍ଚଳରୁ ୭, ତାଳଚେର ପୌରାଞ୍ଚଳରୁ ୫, କଣିହାଁ ବ୍ଲକ ଅଞ୍ଚଳରୁ ୪, ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦରୁ ୧ ଓ କିଶୋରନଗର ବ୍ଲକ ଅଞ୍ଚଳରୁ ଜଣେ ରହିଛନ୍ତି। ଲକ୍ଷଣଯୁକ୍ତ ଆକ୍ରାନ୍ତଙ୍କୁ ନିଜ ଘରେ ସଙ୍ଗରୋଧରେ ରଖାଯାଇ ନିରୀକ୍ଷଣ କରାଯାଉଛି ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି। ସେହିପରି ଦିନକରେ ଜିଲାରୁ ୫୫ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି।

# କପିଳାସ ପୀଠରେ ପୁଷ୍ୟାଭିଷେକ ନୀତି


ଠାକୁରଙ୍କ ପୁଷ୍ୟାଭିଷେକ ନୀତି ଅବସରରେ ସେବାୟତମାନେ ବେଢ଼ା ପରିକ୍ରମା କରୁଛନ୍ତି।

**ଢେଙ୍କାନାଳ ଅଫିସ, ୧୭ା୧**

ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବକ୍ଷେତ୍ର ତଥା କପିଳାସ କ୍ଷେତ୍ରାଧିପତି ମହାପ୍ରଭୁ ଶ୍ରୀଚନ୍ଦ୍ରଶେଖର ମହାଦେବଙ୍କ ପୁଷ୍ୟାଭିଷେକ ନୀତି ସୋମବାର ଅନୁଷ୍ଠିତ ହୋଇଯାଇଛି। ପୌଷ ପୂର୍ଣ୍ଣିମା ଉପଲକ୍ଷେ ପ୍ରାତଃ ସମୟରେ ପରମ୍ପରା ଅନୁଯାୟୀ ଠାକୁରଙ୍କ ଯଥା ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ଏହାପରେ ସୁବର୍ଣ୍ଣ ଅଳଙ୍କାରରେ ଠାକୁରଙ୍କ ନାଗାଭରଣ ବେଶ ହୋଇଥିଲା। କୋଭିଡ୍ କଟକଣା ଯୋଗୁ ପୀଠରେ ୧୪୪ ଧାରା ଜାରି ହୋଇଥିବାରୁ ଶ୍ରଦ୍ଧାଳୁମାନେ ଶ୍ରୀଜୀଉଙ୍କ ଏହି ଦୁର୍ଲଭ ବେଶ ଦର୍ଶନରୁ ବଞ୍ଚିତ ହୋଇଥିଲେ। କୋଭିଡ୍ କଟକଣା ମଧ୍ୟରେ ସ୍ୱଳ୍ପସଂଖ୍ୟକ ସେବକଙ୍କୁ ନେଇ ସମସ୍ତ କାର୍ଯ୍ୟକ୍ରମ ସୁରୁଖୁରୁରେ ସମ୍ପନ୍ନ ହୋଇଥିବା ଦେବୋତ୍ତର ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ବୁଢ଼ାପଙ୍କରେ ପୌଷ ପୂର୍ଣ୍ଣମୀ ଯାତ୍ରା

**ବଅଁରପାଳ,୧୭ା୧(ଡି.ଏନ.ଏ.)**

ବଅଁରପାଳ ବ୍ଲକ ବୁଢ଼ାପଙ୍କ ଗ୍ରାମରେ ପୌଷ ପୂର୍ଣ୍ଣମୀ ଯାତ୍ରା ପାଳିତ ହେଉଛି। ନିରାଡ଼ମ୍ବର ଭାବେ ମା’ ଲଙ୍ଗବାଉତିଙ୍କ ଏହି ଯାତ୍ରା ଅବସରରେ ସୋମବାର ମଧ୍ୟାହ୍ନ ୧୨ଟାରେ ଗ୍ରାମ ଦିଅଁଘରେ ଦେବୀଙ୍କ ପୂଜାର୍ଚ୍ଚନା ହୋଇଥିଲା। ଏହାପରେ ମା’ଙ୍କ ଆଲମକୁ ଶୋଭାଯାତ୍ରାରେ ଯାତ୍ରାସ୍ଥଳୀକୁ ଅଣାଯାଇଥିଲା। ଅପରାହ୍ନରେ ବଡ଼ପୂଜା ସହ ମାଜଣା ପର୍ବ ଅନୁଷ୍ଠିତ ହୋଇଥିଲା। ମାନସିକ ପୂରଣ ପାଇଁ ବହୁ ଶ୍ରଦ୍ଧାଳୁ ପୀଠରେ ଅଧିଆ ପଡିବା ସହ ଶିଶୁଙ୍କ ମୁଣ୍ଡନ କରାଯାଇଥିଲା। ଗ୍ରାମବାସୀଙ୍କ ସହଯୋଗରେ ଚାଲିଥିବା ଏହି ଯାତ୍ରା ମଙ୍ଗଳବାର ସମାପନ ହେବ।

# ନିଃଶୁଳ୍କ ଚକ୍ଷୁ ପରୀକ୍ଷା

**ଢେଙ୍କାନାଳ ଅଫିସ,୧୭ା୧**

ଢେଙ୍କାନାଳର ଯୁବ ଅନୁଷ୍ଠାନ ବଜରଙ୍ଗ କ୍ଲବ୍ ମଠକରଗୋଳା ଶାଖା ତରଫରୁ ସୋମବାର ନିଃଶୁଳ୍କ ଚକ୍ଷୁ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ସର୍ବେଶ୍ୱର ମେମୋରିଆଲ୍ ଚକ୍ଷୁ ଚିକିତ୍ସାଳୟ ସହାୟତାରେ ସ୍ଥାନୀୟ କଲ୍ୟାଣମଣ୍ଡପରେ ଆୟୋଜିତ ଏହି ଶିବିରରେ ପଞ୍ଚାୟତ ସମେତ ଆଖପାଖ ଗ୍ରାମର ଶତାଧିକ ବ୍ୟକ୍ତି ଚକ୍ଷୁ ପରୀକ୍ଷା କରାଇଥିଲେ। ୧୫ ଜଣଙ୍କୁ ମୋତିଆ ବିନ୍ଦୁ ଅପରେଶନ ଲାଗି ଚିହ୍ନଟ କରାଯାଇଛି। ଗ୍ରାମସଭାପତି ଅମରେନ୍ଦ୍ର ମିଶ୍ର ଶିବିରକୁ ଉଦ୍‌ଘାଟନ କରିଥିଲେ। ଅଜୟ ନାୟକ, ସଞ୍ଜିତ୍ ଖୁଣ୍ଟିଆ, ଲିପୁନା ଖୁଣ୍ଟିଆ, କ୍ଲବ ସଭାପତି ମିଥୁନ୍ ସ୍ୱାଇଁ, ଉପସଭାପତି ଶିବାନୀ ନାୟକ, କୋଷାଧ୍ୟକ୍ଷ ସୁଶାନ୍ତ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଡା. ଶୁଭକାନ୍ତ ବେହେରା, ଡା. ଅମର ରଞ୍ଜନ ସାହୁ, ଡା. ଦିବ୍ୟରଞ୍ଜନ ବେହେରା, ଷ୍ଟାଫ୍‌ନର୍ସ କସ୍ତୁରୀ ପଣ୍ଡା ପ୍ରମୁଖ ଚକ୍ଷୁ ପରୀକ୍ଷା କରିଥିଲେ।


ଶିବିରରେ ଡାକ୍ତରମାନେ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରୁଛନ୍ତି।

# ଭୋଟ୍‌କେନ୍ଦ୍ରରେ ସଂକ୍ରମିତଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

**ଢେଙ୍କାନାଳ ଅଫିସ, ୧୭ା୧**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓସ୍ୱାନ ହଲ୍‌ରେ ସୋମବାର ଜିଲାପାଳ ସରୋଜ କୁମାର ସେଠୀ କୋଭିଡ୍ ସ୍ଥିତି ସମୀକ୍ଷା କରିଛନ୍ତି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ସଂକ୍ରମଣ ବଢ଼ିବା ଆଶଙ୍କା ରହିଛି। ମତଦାନ କେନ୍ଦ୍ରରେ ସଂକ୍ରମିତଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ କହିଛନ୍ତି। ସେହିପରି ଜିଲାବାସୀ ସଚେତନ ହେଲେ ଏହାକୁ ଅନେକାଂଶରେ ନିୟନ୍ତ୍ରଣ କରାଯାଇପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ସଂକ୍ରମଣ ନିୟନ୍ତ୍ରଣ ଲାଗି ଦୈନିକ ଡାକବାଜି ଯନ୍ତ୍ର ସହାୟତାରେ ପ୍ରଚାର କରିବା, ଜନଗହଳିପୂର୍ଣ୍ଣ ସ୍ଥାନ ଓ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ କଡ଼ା ନଜର ରଖିବା, ଖିଲାପକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଡିଓ, ତହସିଲଦାର ଏବଂ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସରକାରୀ କାର୍ଯ୍ୟାଳୟରେ ମାର୍ଗଦର୍ଶିକା ପାଳନ, ଅଫିସରେ କେହି ସଂକ୍ରମିତ ଚିହ୍ନଟ ହେଲେ ଦିନକ ପାଇଁ କାର୍ଯ୍ୟାଳୟ ବନ୍ଦ କରି ବିଶୋଧନ କରିବାକୁ ପରାମର୍ଶ ଦିଆଯାଇଛି। ବରିଷ୍ଠ ନାଗରିକ, ଆଗଧାଡ଼ିର କର୍ମୀ ଏବଂ କିଶୋରଙ୍କୁ ଅଗ୍ରାଧିକାର ଭିତ୍ତିରେ ଟିକା ଦିଆଯାଉଛି। ତୃତୀୟ ଲହର ମୁକାବିଲା ପାଇଁ କୋଭିଡ୍ ହସ୍ପିଟାଲ, ଆମ୍ବୁଲାନ୍ସ, ଅକ୍ସିଜେନ ଏବଂ ଆଇସିୟୁ ପ୍ରସ୍ତୁତ ରଖାଯାଇଛି। ଅଧିକ ଡାକ୍ତର ନିଯୁକ୍ତି ଲାଗି ପଦକ୍ଷେପ ନିଆଯାଉଛି। କେବଳ ଗୁରୁତର ରୋଗୀଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯିବ। ଅନ୍ୟମାନଙ୍କୁ ଗୃହ ସଙ୍ଗରୋଧରେ ରଖାଯାଇ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯିବ ବୋଲି ସିଡିଏମ୍ଓ ଡା. ଅଶୋକ କୁମାର ଦାସ ସୂଚନା ଦେଇଛନ୍ତି। ବୈଠକରେ ପିଡି ଡିଆରଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ ପ୍ରମୁଖ ଜିଲା ପ୍ରଶାସନର ବିଭିନ୍ନ ପଦସ୍ଥ ଅଧିକାରୀ ଯୋଗଦେଇଥିଲେ।



ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

# ବ୍ରିଜ୍ ତଳକୁ ଓଲଟିଲା ଟ୍ରକ୍

**ଛେଣ୍ଡିପଦା,୧୭ା୧(ସ୍ୱ.ପ୍ର.)**

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ଦେଇ ଯାଇଥିବା ଅନୁଗୋଳ–ଛେଣ୍ଡିପଦା ୬୩ନଂ. ରାଜ୍ୟ ରାଜପଥର ରାଇଝରଣ ଗ୍ରାମ ନିକଟସ୍ଥ ବାରଗୁଡିଆ ନାଳ ଉପରୁ ଏକ ୧୪ ଚକିଆ ଟ୍ରକ୍ ତଳକୁ ଓଲଟି ପଡ଼ିଛି। ଉକ୍ତ ଟ୍ରକ୍ କୋଇଲା ଖାଲିକରି ତାଳଚେର ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଖବରପାଇ ନିଶା ଶିଳ୍ପାଞ୍ଚଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଜବତ କରିବା ସହିତ ତଦନ୍ତ ଚଳାଇଛି।


ଓଲଟି ପଡ଼ିଥିବା ଟ୍ରକ୍

